# ତହସିଲଦାରଙ୍କ ଅଦାଲତ, ଝୁମ୍ପୁରା

ରୁରାଲ ଲିଜ ମାମଲା ସଂଖ୍ୟା - ୧୨ /୨୦୨୫

## ଇସ୍ତାହାର

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ ରେଲ ରାସ୍ତା ନିର୍ମାଣ ନିମନ୍ତେ Deputy Chief Engineer (Con), East Coast Railway, Jajpur Keonjhar Road ଆବେଦନ କରିଛନ୍ତି। ଉକ୍ତ ଜମି ସରକାରୀ ଖାତା ଆବାଦ ଅଯୋଗ୍ୟ ଅନାବାଦି  ଖାତାରେ ରେ ଥାଇ ଏହାର କିସମ ପତିତ ରହିଅଛି। ଏହି ଜମିରେ ନୟାଗଡ ଓ ଦୁବୁନା ମଧ୍ୟରେ ନୂତନ ରେଲ ରାସ୍ତା ନିର୍ମାଣ ନିମନ୍ତେ  ପୂର୍ବତଟ ରେଳବାଇ , ଯାଜପୁର  କେନ୍ଦୁଝର ନାମରେ ବନ୍ଦୋବସ୍ତ କରାଯିବ ପାଇଁ ସ୍ଥିର କରାଯାଇ ଅଛି। ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବସୀ/ ସ ପୃକ୍ତ ଗ୍ରାମ ପଞ୍ଚାୟତଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ. ୨୦ (କୋଡିଏ ଟଙ୍କା) ର କୋର୍ଟ ଫୀ ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବ ନାହିଁ।

### ତଫସିଲ

### ମୌଜା- ବସନ୍ତପୁର

| ଖାତା ନଂ | ପ୍ଲଟ ନଂ. | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ |
|---|---|---|---|---|
| ୨୩। ( ଆ.ଯୋ.ଅ.) | ୪୩୫/୨୬୯୬ | ୦.୦୪୪ | ୦.୦୪୪ | ପତିତ |
| | ୪୩୭/୨୬୯୭ | ୦.୦୨୭ | ୦.୦୨୭ | ପତିତ |
| | ୧। ୪/୨୬୯। | ୦.୨୧। | ୦.୨୧। | ପତିତ |
| ମୋଟ | ୩ ଟି ପ୍ଲଟ | ୦ ୨। ୯ | ୦.୨। ୯ | |

ତହସିଲଦାର, ଝୁମ୍ପୁରା
Tahasildar
Jhumpura

ଏହାର ଏକକିତ ନକଲ ସଂପୃକ୍ତ ଗ୍ରାମରେ ଡକ ବାଜି ଜନ୍ତ ଦ୍ୱାରା ପ୍ରଚାର/ପ୍ରସାର ପାଇଁ ପ୍ରେରିତ କରାଗଲା। ଅନ୍ୟ ଏକକିତ ନକଲ District Website:www.kendujhar.odisha.gov.in ରେ ପ୍ରକାଶନ ପାଇଁ/ ଅନ୍ୟ ଏକକିତ ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଏବଂ ଅନ୍ୟ ଏକକିତ ନକଲ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ପ୍ରକାଶନ ପାଇଁ ପ୍ରେରିତ କରାଗଲା।

ତହସିଲଦାର, ଝୁମ୍ପୁରା
Tahasildar
Jhumpura